## ସଂକ୍ଷେପରେ

### ୬ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୫।୨:** ଅନୁଗୋଳ ଜିଲାରୁ ଶୁକ୍ରବାର ୬ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୨ ହଜାର ୨୭୪ ହୋଇଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକ୍‌ରୁ ୩ ଓ ବଅଁରପାଳ ବ୍ଲକ୍‌ରୁ ୩ ଜଣ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୪ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଲୁଟେରାଙ୍କୁ ଧରିବା ବେଳେ ଛୁରାମାଡ଼

**ଛେଣ୍ଡିପଦା,୫।୨(ସ୍ୱ.ପ୍ର.):** ଛେଣ୍ଡିପଦା ବଜାରରୁ ଶୁକ୍ରବାର ବାଇକ୍ ଡିକି ଭାଙ୍ଗି ଦୁର୍ବୃତ୍ତମାନେ ୩୮ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ବାହାଲସାହି ଗ୍ରାମର ଚାଷୀ ପ୍ରତାପ କୁମାର ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ଏସ୍ଆଇ ସଂଘମିତ୍ରା ଶତପଥୀ କହିଛନ୍ତି, ମଧ୍ୟାହ୍ନରେ ପ୍ରତାପ ଷ୍ଟେଟ୍ ବ୍ୟାଙ୍କ ଶାଖାରୁ ୩୮ ହଜାର ଟଙ୍କା ଉଠାଇ ବାଇକ୍ ଡିକିରେ ରଖିଥିଲେ। ଏହାପରେ ଘରକୁ ଫେରୁଥିବାବେଳେ ବ୍ଲକ ଛକରେ ବାଇକ୍‌ରେ ପେଟ୍ରୋଲ ପକାଇଥିଲେ। ଦୋକାନୀଙ୍କୁ ଟଙ୍କା ଦେଉଥିବାବେଳେ ଦୁର୍ବୃତ୍ତମାନେ ଡିକି ଭାଙ୍ଗି ଟଙ୍କା ନେଇ ପଳାଇଥିଲେ। ଏହାଦେଖି ପ୍ରତାପ ପାଟି କରିବାରୁ ରଣଜିତ ସାହୁ ନାମକ ଜଣେ ଯୁବକ ଦୁର୍ବୃତ୍ତଙ୍କୁ କାବୁ କରିବା ପାଇଁ ଉଦ୍ୟମ କରିବାବେଳେ ଛୁରା ମାଡରେ ଆହତ ହୋଇଥିଲେ। ଖବରପାଇ ପୋଲିସ ତଦନ୍ତ ଚଳାଇଛି।

### ମାଙ୍କଡ଼ ଉପଦ୍ରବ ନେଇ ଅସନ୍ତୋଷ

**ବଇଣ୍ଡା,୫।୨(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ମଇମୁରା ପଞ୍ଚାୟତ ମଇମୁରା, କଂଶାବ, ଝାଟିକିବାହାଳ ଆଦି ଗ୍ରାମରେ କିଛିଦିନ ହେବ ମାଙ୍କଡ ଉପଦ୍ରବ ଲାଗି ରହିଛି। ଫଳରେ ବହୁ ପରିବା ଚାଷ ନଷ୍ଟ ହେଉଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ନିକଟସ୍ଥ ଜଙ୍ଗଲରୁ ମାଙ୍କଡ଼ମାନେ ଗ୍ରାମ ଭିତରକୁ ପଶି ଆସି ଆଳୁ, ମଟର, କୋବି, ବାଇଗଣ ଫସଲ ଖାଇବା ସହ ନଷ୍ଟ କରୁଛନ୍ତି। ଚାଷୀମାନେ ବିଭିନ ବ୍ୟାଙ୍କରୁ ଋଣ ଆଣି ଚାଷ କରିଥିବା ବେଳେ ଏଭଳି କ୍ଷତିକୁ ନେଇ ଚିନ୍ତାରେ ପଡିଯାଇଛନ୍ତି। ମାଙ୍କଡ ଘଉଡାଇବା ଉପରେ ବନବିଭାଗ ଦୃଷ୍ଟି ଦେଉ ନ ଥିବାବେଳେ ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି କ୍ଷତିପୂରଣ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

### ଖାଉଟି ସଚେତନତା କାର୍ଯ୍ୟକ୍ରମ

**ବଅଁରପାଳ,୫।୨(ଡି.ଏନ.ଏ.):** ବଅଁରପାଳ ବ୍ଲକ ମହୀଧରପୁରଠାରେ ପୀୟୂଷ ସଙ୍ଗଠନ ପକ୍ଷରୁ ଶୁକ୍ରବାର ଏକ ଖାଉଟି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଅନୁଗୋଳ ସହକାରୀ ଯୋଗାଣ ଅଧିକାରୀ ଶ୍ରୀନିବାସ ମିଶ୍ର, ମହୀଧରପୁର ସରପଞ୍ଚ ବିନୋଦ ବେହେରା ଯୋଗଦେଇ ବିଭିନ୍ନ ଖାଉଟି ସାମଗ୍ରୀର ଅପମିଶ୍ରଣ ସମ୍ପର୍କରେ ଲୋକେ କିଭଳି ଅବଗତ ହୋଇପାରିବେ ସେ ନେଇ ସଚେତନ କରାଇଥିଲେ। ବଅଁରପାଳ ଯୋଗାଣ ନିରୀକ୍ଷକ ସତ୍ୟବ୍ରତ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଖପାଖ ଅଞ୍ଚଳରୁ ବହୁ ଲୋକ ଏହି ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଜଳିଗଲା ୩ ବଖରା

**ଆଠମଲ୍ଲିକ,୫।୨(ଡି.ଏନ.ଏ.):** ଆଠମଲ୍ଲିକ ସହର ୩ ନମ୍ବର ୱାର୍ଡ ପଦ୍ମପୋଖରୀ ଗ୍ରାମରେ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ପ୍ରକାଶ ମୁଣ୍ଡାଙ୍କ ୩ ବଖରା ପୋଡିଯାଇଛି। ଗାଁକୁ ରାସ୍ତା ନ ଥିବାରୁ ଅଗ୍ନିଶମ କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇ ନ ପାରି ଫେରି ଯାଇଥିଲେ। ତହସିଲ ପକ୍ଷରୁ ଅଗ୍ନିବିପନ୍ନଙ୍କୁ ପଲିଥିନ, ଚୁଡା, ଗୁଡ଼, ଚାଉଳ, ଡାଲି, ମହମବତୀ, ଦିଆସିଲି ଆଦି ଯୋଗାଇ ଦିଆଯାଇଛି।

### ଦୁର୍ଘଟଣାରେ ଜଣେ ମୃତ

**ବଇଣ୍ଡା,୫।୨(ଡି.ଏନ.ଏ.):** କଟକ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥର ଅନୁଗୋଳ ଜିଲା ହଣ୍ଡପା ଥାନା ପାଗବନ୍ଧା ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ ବସ୍ ସହ ବାଇକ୍ ଧକ୍କା ହୋଇଛି। ଏଥିରେ ବାଇକ୍ ଚାଳକ ହଣ୍ଡପା ଥାନା କାକରପାଣି ଗ୍ରାମର ନେଙ୍କୁଡ଼ି ସାହୁଙ୍କ ମୃତ୍ୟୁ ହୋଇଥିବାବେଳେ ବାଇକ୍‌ରେ ବସିଥିବା ରାଣିଭୂଇଁ ଗ୍ରାମର ମୂରଲୀ ପ୍ରଧାନ ଗୁରୁତର ହୋଇଛନ୍ତି। ତାଙ୍କୁ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଜନସାଧାରଣ ନୁହେଁ, ଶିଳ୍ପପତି ପାଇବେ ଲାଭ

**ଅନୁଗୋଳ ଅଫିସ, ୫।୨**

ଖୁବ୍‌ଶୀଘ୍ର ଦେଶରେ ସ୍କ୍ରାପେଜ୍ ନୀତି ଲାଗୁ ହେବ। ଏହାଦ୍ୱାରା ୧୫ ବର୍ଷର ବ୍ୟବସାୟିକ ଓ ୨୦ ବର୍ଷର ଘରୋଇ ଗାଡ଼ିକୁ ରାସ୍ତାରୁ ହଟାଇ ଦିଆଯିବ। ଫଳରେ ପ୍ରଦୂଷଣରୁ ପରିବେଶକୁ ସୁରକ୍ଷା ଦିଆଯିବା ସହ ଇନ୍ଧନ ଶକ୍ତିର ବ୍ୟବହାରକୁ କମାଯାଇପାରିବ। ତେବେ ଏ ନେଇ ସଡ଼କ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ସ୍ୱତନ୍ତ୍ର ନୀତି ପରେ ଆସିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଗତ ବଜେଟ୍‌ରେ ସୂଚନା ଦେଇଛନ୍ତି। ପ୍ରଥମେ ସରକାରୀ ଓ ପରେ ବେସରକାରୀ ଗାଡ଼ି କ୍ଷେତ୍ରରେ ଏହା ଲାଗୁ କରାଯିବ ବୋଲି ଅର୍ଥମନ୍ତ୍ରୀ ସ୍ପଷ୍ଟ କରିଥିଲେ ମଧ୍ୟ ଏହାକୁ ସାଧାରଣରେ ନାପସନ୍ଦ କରାଯାଇଛି। ସରକାରଙ୍କ ପରିବେଶ ସୁରକ୍ଷା ଚିନ୍ତା ଏକ ବାହାନା। ପ୍ରକୃତରେ ଏହି ନିୟମ ଜନତାଙ୍କ ହିତ ପାଇଁ ନୁହେଁ ବରଂ ଯାନବାହନ ଶିଳ୍ପ ସହ ଜଡ଼ିତ ଶିଳ୍ପପତିମାନଙ୍କୁ ଲାଭ ପହଞ୍ଚାଇବା ପାଇଁ କରାଯାଇଛି ବୋଲି ଅନୁଗୋଳର ଅନେକ ଗାଡ଼ି ମାଲିକ ମତ ଦେଇଛନ୍ତି।

ଅନୁଗୋଳ ଜିଲାରେ ୨୦୦୨ ମସିହାରେ ପରିବହନ କାର୍ଯ୍ୟାଳୟ ସ୍ଥାପନ ହୋଇଥିଲା। ସେହିପରି ତାଳଚେରରେ ମଧ୍ୟ ଆଉ ଏକ ପରିବହନ କାର୍ଯ୍ୟାଳୟ ରହିଛି। ଏହି ଦୁଇଟି କାର୍ଯ୍ୟାଳୟରେ ଅଦ୍ୟାବଧି ଜିଲାର ପାଖାପାଖି ୫ ଲକ୍ଷ ଗାଡ଼ି ପଞ୍ଜୀକୃତ ହୋଇଛି। ସେଥିମଧ୍ୟରୁ ବ୍ୟବସାୟିକ ଗାଡ଼ି ସଂଖ୍ୟା ବହୁ ଅଧିକ। ବିଶେଷକରି କୋଇଲା, ଆଲୁମିନିୟମ, ପାଉଁଶ ଓ ଅନ୍ୟ ଖଣିଜ ପରିବହନରେ ଲକ୍ଷାଧିକ ଟ୍ରକ୍, ଟିପ୍ପର, ହାଇୱା ନିୟୋଜିତ ରହିଛି। ବହୁ ଯୁବକ ବ୍ୟାଙ୍କରୁ ଋଣ କରି ଏହି ଗାଡ଼ି ବ୍ୟବସାୟକୁ ଓହ୍ଲାଇଛନ୍ତି। ସେହିପରି ଜିଲାରେ ଚାଲୁଥିବା ଶତାଧିକ ବସ୍, ଟ୍ୟାକ୍ସି ମାଲିକମାନେ ମଧ୍ୟ ଚିନ୍ତାରେ ପଡ଼ିଛନ୍ତି। କିଛିବର୍ଷ ହେଲା ତୈଳଠାରୁ ଆରମ୍ଭ କରି ବିଭିନ୍ନ ଯନ୍ତ୍ରାଂଶ ମୂଲ୍ୟ ଅହେତୁକ ବୃଦ୍ଧି ପାଇଥିବା ବେଳେ ସେହି ଅନୁଯାୟୀ ଭଡ଼ା ବଢ଼ିନାହିଁ। ସରକାର ମଧ୍ୟ ବିଭିନ୍ନ ଟ୍ୟାକ୍ସ ବଢ଼ାଇ ଦେଇଛନ୍ତି। ଫଳରେ ପୂର୍ବପରି ଗାଡ଼ି ବ୍ୟବସାୟରୁ ସେତେଟା ଲାଭ ମିଳୁ ନ ଥିବାବେଳେ ମହାମାରୀ କରୋନା ପାଇଁ ଗୋଟିଏ ବର୍ଷ ବ୍ୟବସାୟ ବାଧାପ୍ରାପ୍ତ ହେଲା। ଏଯାଏ ସେହି ପରିସ୍ଥିତିରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଆସି ନ ଥିବାବେଳେ ଗାଡ଼ି ମାଲିକମାନେ ଲକ୍ଷ ଲକ୍ଷ ଟଙ୍କା କ୍ଷତି ସହିଛନ୍ତି। ମାସ ମାସ ଧରି ଗାଡ଼ି ଠିଆ ହୋଇରହିଥିଲେ ବି ସେମାନେ ଚାଳକ ଓ ଅନ୍ୟ କର୍ମଚାରୀଙ୍କୁ ସେମାନଙ୍କ ପାଉଣା ଦେଇଛନ୍ତି। ଏ କ୍ଷେତ୍ରରେ ସରକାର ସହଯୋଗ କରିବା ପରିବର୍ତ୍ତେ ହଠାତ୍ ସ୍କ୍ରାପେଜ୍ ନୀତି ଲାଗୁ କଲେ ଏହା ବୋଝ ଉପରେ ନଳିତା ବିଡ଼ା ପରି ହେବ। ପୁରୁଣା ଗାଡ଼ି ଗଡ଼ିବାକୁ ଅନୁମତି ନ ମିଳିଲେ ଜିଲାରେ ବେକାରି ସଂଖ୍ୟା ଆହୁରି ବଢ଼ିଯିବ। ଲୋକେ ଏତେ କମ୍ ସମୟ ମଧ୍ୟରେ ନୂଆ ଗାଡ଼ି କିଣିବାକୁ ସକ୍ଷମ ହୋଇପାରିବେ ନାହିଁ ବୋଲି ବହୁ ବ୍ୟବସାୟିକ ଗାଡ଼ି ମାଲିକ ମତବ୍ୟକ୍ତ କରିଛନ୍ତି। ସେହିପରି ଘରୋଇ ଯାନଗୁଡ଼ିକ କ୍ଷେତ୍ରରେ ୨୦ ବର୍ଷ ନିୟମ ଲାଗୁ ହେବାକୁ ଥିଲେ ମଧ୍ୟ ତାହା ଗ୍ରହଣଯୋଗ୍ୟ ନୁହେଁ ବୋଲି ସାଧାରଣରେ ମତପ୍ରକାଶ ପାଉଛି।



- ସରକାରଙ୍କ ସ୍କ୍ରାପେଜ୍ ନୀତି ଜନହିତକାରୀ ନୁହେଁ
- ରାସ୍ତାରୁ ପୁରୁଣା ଗାଡ଼ି ହଟାଯିବା ନିୟମକୁ ବିରୋଧ
- ଇଞ୍ଜିନ ବଦଳାଇବାକୁ ଗାଡ଼ି ମାଲିକମାନଙ୍କ ପ୍ରସ୍ତାବ

### ପ୍ରଦୂଷଣ ସହ ଦୁର୍ଘଟଣା କମିବ



“କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ସମ୍ପର୍କରେ କୌଣସି ଚିଠି ଏଯାଏ ଆମ ନିକଟକୁ ଆସିନାହିଁ। ଏହି ନିୟମ ଲାଗୁ ହେବା ପୂର୍ବରୁ ସମ୍ପୂର୍ଣ୍ଣ ବିବରଣୀ ଆସିବ। କେଉଁ ଗାଡ଼ି ହଟାଯିବ ସେ ନେଇ ସର୍ତ୍ତାବଳୀ ରହିବ। ତେବେ ଏହି ନିୟମ କାର୍ଯ୍ୟକାରୀ ହେଲେ ପ୍ରଦୂଷଣ ସହ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇବ। ସେହିପରି ଭବିଷ୍ୟତ ପାଇଁ ଇନ୍ଧନ ସଞ୍ଚୟ ହୋଇପାରିବ।

—ବିଭବ ସାମନ୍ତସିଂହାର, ଆରଟିଓ, ଅନୁଗୋଳ

### ଜିଲାରେ ବଢ଼ିବ ବେକାରି ସଂଖ୍ୟା



“କେନ୍ଦ୍ର ସରକାର ଏହି ନିୟମ ଲାଗୁ କଲେ ଜିଲାରେ ବେକାରି ସଂଖ୍ୟା ବୃଦ୍ଧିପାଇବ। ଗାଡ଼ି ମାଲିକମାନଙ୍କ ପକ୍ଷେ ନୂଆ ଗାଡ଼ି କିଣିବା ସମ୍ଭବ ହେବନାହିଁ। ପ୍ରଦୂଷଣ ରୋକିବାକୁ ପୁରୁଣା ଗାଡ଼ି ହଟାଯିବା ପରିବର୍ତ୍ତେ ଇଞ୍ଜିନ ବିଏସ୍-୬ କରିବାକୁ ବାଧ୍ୟତାମୂଳକ କରିଥିଲେ ଭଲ ହୋଇଥାନ୍ତା। କାରଣ ପୁରୁଣା ଇଞ୍ଜିନ ହିଁ ସମସ୍ୟା ବଢ଼ାଇଥାଏ, ଡାଲା କିମ୍ବା ବଡି ନୁହେଁ।

—ଅକ୍ଷୟ କୁମାର ସାମନ୍ତ, ସମ୍ପାଦକ, ଜିଲା ଟ୍ରକ୍ ମାଲିକ ସଂଘ, ଅନୁଗୋଳ

### ବସ୍ ମାଲିକଙ୍କ ମେରୁଦଣ୍ଡ ଭାଙ୍ଗିଯିବ



“୧୫/୨୦ ବର୍ଷର ପୁରୁଣା ଗାଡ଼ି ବଦଳାଇବା ନିୟମ ଲାଗୁ ହେଲେ ସାଧାରଣ ଲୋକେ ଓ ଗାଡ଼ି ବ୍ୟବସାୟୀମାନେ ନୂଆ ଯାନ କିଣିବେ। ପ୍ରଦୂଷଣ ହ୍ରାସ ଆଳରେ ଏହା କେବଳ ଯାନବାହନ ବ୍ୟବସାୟ କରୁଥିବା ଶିଳ୍ପପତିମାନଙ୍କୁ ପୋଷିବା ପାଇଁ ସରକାରଙ୍କ ଚାଲ୍। ୮ ବର୍ଷରୁ ଅଧିକ ପୁରୁଣା ବସ୍‌କୁ ୧୫ ପ୍ରତିଶତ ଅଧିକ ଟ୍ୟାକ୍ସ ଦେଇ ପଞ୍ଜୀକରଣ ନବୀକରଣ କରିବାକୁ ପଡୁଛି। ଏବେ ପୁଣି ଗାଡ଼ି ଅଚଳ କରି ଲୁହା ଦରରେ ବିକ୍ରି କଲେ ବସ୍ ମାଲିକଙ୍କ ମେରୁଦଣ୍ଡ ଭାଙ୍ଗିଯିବ।

—ରାଜୁ ମିଶ୍ର, ସମ୍ପାଦକ, ଅନୁଗୋଳ ଜିଲା ବସ୍‌ମାଲିକ ସଂଘ

### ଲୋକଙ୍କ ସୁବିଧା ଦେଖି ନିୟମ କରାଯାଉ



“ସରକାର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ନିୟମ କରୁଛନ୍ତି। କିନ୍ତୁ ତାହା ଲୋକଙ୍କ ହିତ ସାଧନ କରୁନାହିଁ। ଗୋଟିଏ ଗାଡ଼ି କିଣିବା ଯେଉଁଠି କାଠିକର ପାଠ, ସେଠାରେ ଆଉ ନୂଆ କଥା ଚିନ୍ତା କରିହେଉ ନାହିଁ। ତେଲଠାରୁ ଯନ୍ତ୍ରାଂଶ ଯାଏ ଅଧିକ ଖର୍ଚ୍ଚ ପଡୁଥିବା ବେଳେ ସରକାରଙ୍କୁ ବିଭିନ୍ନ ଟ୍ୟାକ୍ସ ପ୍ରଦାନ କରୁଛୁ। ତେଣୁ ସରକାର ଯେଉଁ ନିୟମ କରୁଛନ୍ତି ସେଥିରେ ଆଗାମୀ ଦିନରେ ଗାଡ଼ି ଚଳାଇବା ସମ୍ଭବ ନୁହେଁ।

—ବସନ୍ତ କୁମାର ଭୂତିଆ, ଟ୍ୟାକ୍ସି ମାଲିକ, ଅନୁଗୋଳ

### ଭଲ ପଦକ୍ଷେପ ନିଆଯାଇଛି



“ପ୍ରଦୂଷଣ ଏବେ ବଡ଼ ସମସ୍ୟା ହୋଇ ଉଭା ହୋଇଛି। ଏହାକୁ ରୋକିବାକୁ ବିଭିନ୍ନ ନିୟମ କରାଯାଉଛି। ପୁରୁଣା ଗାଡ଼ି ରାସ୍ତାରୁ ହଟାଇ ଦିଆଗଲେ ପରିବେଶ ଉପରେ ଭଲ ପ୍ରଭାବ ପଡ଼ିବ। ଅନେକ ସମୟରେ ଅନ୍‌ଫିଟ ଗାଡ଼ି ଯୋଗୁ ଦୁର୍ଘଟଣା ଘଟି ଧନଜୀବନ ହାନି ହୋଇଥାଏ। ଏହାର ବହୁ ଉଦାହରଣ ରହିଛି। ତେଣୁ ସରକାରଙ୍କ ଏହି ପଦକ୍ଷେପ ନିଶ୍ଚିତ ସ୍ୱାଗତଯୋଗ୍ୟ।

—ସୁନୀଲ କୁମାର ଦାଶ, ଅନୁଗୋଳ

## ନିଶା ଦେଇ ଲୁଟ୍

**ଢେଙ୍କାନାଳ ଅଫିସ,୫।୨**

ଢେଙ୍କାନାଳ ଜିଲା ସଦର ଥାନା ୫୫ ନଂ. ଜାତୀୟ ରାଜପଥ ପଞ୍ଚୁପଟିଠାରେ ଶୁକ୍ରବାର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ କୁମାର ପଣ୍ଡା(୬୯)ଙ୍କୁ ନିଶାଦ୍ରବ୍ୟ ଦେଇ ଦୁର୍ବୃତ୍ତମାନେ ସ୍କୁଟି ସହ ସୁନା ମୁଦି, ମୋବାଇଲ ଫୋନ୍ ଏବଂ ଏଟିଏମ୍ କାର୍ଡ ଏବଂ ୧୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଗୁରୁତର ଅବସ୍ଥାରେ ହେଲ୍‌ପିଂହ୍ୟାଣ୍ଡ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସେ କିଛି କହିପାରୁ ନ ଥିବାରୁ ଘଟଣା ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିପାରୁନାହିଁ। ଟାଉନ ଥାନା ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ୯୫୦ ଲିଟର ଡିଜେଲ ଜବତ, ୫ ଗିରଫ

**କଣିହାଁ,୫।୨(ଡି.ଏନ.ଏ.)**

କଣିହାଁ ଥାନା କୁମୁଣ୍ଡା ଗ୍ରାମର ଏକ ପଡିଆ ନିକଟରୁ ଶୁକ୍ରବାର ଭୋର ସମୟରେ ଡିଜେଲ ଚୋରି ର୍‍ୟାକେଟ ଉପରେ ଜିଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାଡ୍ ଓ କଣିହାଁ ପୋଲିସ ଚଢ଼ାଉ କରି ୯୫୦ ଲିଟର ଡିଜେଲ, ୨ ବୋଲେରୋ, ୨ଟି ବାଇକ, ଗୋଟିଏ ସ୍କୁଟି ଓ ୫୬ ହଜାର ଟଙ୍କା ଜବତ କରିଛି। ଏହି ଘଟଣାରେ କଣିହାଁ ଥାନା କୁମୁଣ୍ଡା ଗ୍ରାମର ମଧୁସୂଦନ ପ୍ରଧାନ, ସନ୍ଦୀପ ପ୍ରଧାନ, କାକୁଡ଼ିଆ ଗ୍ରାମର ସହଦେବ ସାମଲ, କୋଲିୟାରୀ ଥାନା ଗୋପାଳପ୍ରସାଦ ଗ୍ରାମର ସିଲୁ ବେହେରା ଓ ସିପୁନ ବେହେରାଙ୍କୁ ଗିରଫ କରାଯାଇଛି। ଏହି ଗ୍ୟାଙ୍ଗ ବିଭିନ୍ନ ଖଣି ଓ ଟ୍ରାନ୍ସପୋର୍ଟ କମ୍ପାନୀର ଗାଡିରୁ ଡିଜେଲ ଚୋରି କରିଥାନ୍ତି। ଏ ନେଇ ପୋଲିସ ନଂ. ୪୧/୨୦୨୧ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଆଇଆଇଆସି ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ରାଜ୍ୟସ୍ତରୀୟ ସମାବେଶରେ ଗର୍ଜିଲା ଓପିଡି

**ଢେଙ୍କାନାଳ ଅଫିସ,୫।୨**




ଓଡ଼ିଶା ପ୍ରଗତି ଦଳର ରାଜ୍ୟସ୍ତରୀୟ ସମାବେଶ ଅବସରରେ ଉପସ୍ଥିତ କର୍ମକର୍ତ୍ତାମାନେ।

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ତିରୋଧାନ ଦିବସ ଉପଲକ୍ଷେ ଗୁରୁବାର ଓଡ଼ିଶା ପ୍ରଗତି ଦଳ (ଓପିଡି) ପକ୍ଷରୁ ଢେଙ୍କାନାଳ ଗୋପବନ୍ଧୁ ଟାଉନ ହଲ୍ ପରିସରରେ ରାଜ୍ୟସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ଜନ୍ମେଜୟ ଭାଇ ଏଥିରେ ଅଧ୍ୟକ୍ଷତା କରିଥିଲେ। ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସାମାଜିକ, ରାଜନୈତିକ ଏବଂ ଅର୍ଥନୈତିକ ପ୍ରଗତିକୁ ପ୍ରସଙ୍ଗ କରି ଓଡ଼ିଶାବାସୀଙ୍କ ସେବାରେ ନିୟୋଜିତ ହେବାକୁ ସେ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ନୀତିହୀନ ଶାସନ ବିରୋଧରେ ସଂଗ୍ରାମ ଜାରି ରହିବ ବୋଲି ନିଷ୍ପତ୍ତି ହୋଇଛି। ଦଳର ସାଙ୍କେତିକ ଚିହ୍ନ ଡଙ୍ଗାକୁ ନେଇ ଆସନ୍ତା ପୌର ଓ ପଞ୍ଚାୟତ ନିର୍ବାଚନରେ କର୍ମୀମାନେ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବେ। ପିପିଲି ନିର୍ବାଚନରେ ଦଳ ପ୍ରାର୍ଥୀ ଦେବ। ୨୦୨୪ ସାଧାରଣ ନିର୍ବାଚନରେ ୧୪୭ ବିଧାନସଭା ଏବଂ ୨୧ ଲୋକସଭା ଆସନରେ ନିର୍ବାଚନ ଲଢ଼ାଯିବ ବୋଲି ସୂଚନା ଦିଆଯାଇଛି।

ରାଜ୍ୟ ସାଧାରଣ ସମ୍ପାଦକ ଉତ୍କଳ କେଶରୀ ବିଶ୍ୱାଳ, ମୁଖପାତ୍ର ଦିବ୍ୟରଞ୍ଜନ ସ୍ୱାଇଁ, ଓଡ଼ିଶା ଲିଗାଲ ସେଲ ସଭାପତି ଅକ୍ଷୟ ପତି, ମହାସଚିବ ତରୁଣ ପତି, ରାଜ୍ୟ ସମାଜ ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ମହାରାଜ, ସଙ୍ଗଠନ ସଂଯୋଜକ ପ୍ରଦୀପ ବାରିକ, ସଂଖ୍ୟାଲଘୁ ସଭାପତି ଫରିଦ୍ ଖାଁ, ସମ୍ପାଦକ ନୁରୁଲ ଇସ୍‌ଲାମ, ସାଧାରଣ ସମ୍ପାଦକ ସୋମନାଥ ମହାନ୍ତି ପ୍ରମୁଖ ଦଳର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ମୁଖପାତ୍ର ଦିବ୍ୟରଞ୍ଜନ ସ୍ୱାଇଁ, ଜିଲା ସଭାପତି ପ୍ରତାପ ପଣ୍ଡା, ଉପସଭାପତି ଗିରିଜା ପ୍ରସାଦ ମହାନ୍ତି ଉପସ୍ଥିତ ଥିଲେ।

- ରାଜ୍ୟ, କେନ୍ଦ୍ର ବିରୋଧରେ ସଂଗ୍ରାମ ଚାଲିବ
- ପିପିଲି ନିର୍ବାଚନରେ ଲଢ଼ିବେ ଦଳୀୟ ପ୍ରାର୍ଥୀ

## ରେଳ ବଜେଟ୍ ନୈରାଶ୍ୟଜନକ: ଏମ୍‌ପି

**ଅନୁଗୋଳ ଅଫିସ, ୫।୨**

କେନ୍ଦ୍ର ସରକାରଙ୍କ ରେଳ ବଜେଟ୍ ନୈରାଶ୍ୟଜନକ। ତାଳଚେର-ବିମଳାଗଡ଼, ଅନୁଗୋଳ-ସୁକିନ୍ଦା, ଅନୁଗୋଳ-ତାଳଚେର ରେଳୱେ ପାଇଁ କରାଯାଇଥିବା ବ୍ୟୟବରାଦ କେବଳ ନାମକୁ ମାତ୍ର। ବିଶେଷକରି ଅନୁଗୋଳ-ତାଳଚେର ରେଳୱେ ପାଇଁ ମାତ୍ର ଏକ ହଜାର ଟଙ୍କା ମଞ୍ଜୁର କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଶୁକ୍ରବାର ମଧ୍ୟାହ୍ନରେ ଭର୍ଚୁଆଲ ମାଧ୍ୟମରେ ଆୟୋଜିତ ଖବରଦାତା ସମ୍ମିଳନୀ ପ୍ରକାଶ କରିଛନ୍ତି।

ଏମ୍‌ପି କହିଛନ୍ତି ଯେ, ଜେଏସ୍‌ପିଏଲ୍ ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଅନୁଗୋଳରେ କମ୍ପାନୀର ସମ୍ପ୍ରସାରଣ ପାଇଁ ସାଧୁବାଦ ଜଣାଇଛନ୍ତି। ସ୍ଥାନୀୟ ଯୁବତୀ ଯୁବକମାନେ କିଭଳି ନିଯୁକ୍ତି ପାଇବେ ସେ ନେଇ ଆଲୋଚନା କରିଛନ୍ତି। ତାଳଚେର ଥର୍ମାଲ ପାୱାର ପ୍ଲାଣ୍ଟ ଓ ଏହାର ସମ୍ପ୍ରସାରଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କୃଷି ଓ କୃଷକର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶକ୍ରମେ ସାଂସଦୀୟ ଦଳ ବୈଠକରେ ଆଲୋଚନା କରାଯିବ। ଏହି ଖବରଦାତା ସମ୍ମିଳନୀରେ ଏମ୍‌ପିଙ୍କ ଅନୁଗୋଳ ନିର୍ବାଚନମଣ୍ଡଳୀ ପ୍ରତିନିଧି ଭକ୍ତି ପ୍ରସାଦ ଦାସ, ଯୁବ ବିଜେଡି ଜିଲା ସଭାପତି ଦୀନେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ଭକ୍ତିପ୍ରସାଦ ଓ ଦିନେଶ ପ୍ରଧାନ।

# ମଞ୍ଚମୁହାଁ କଳାକାର

**ଭୁବନ, ୫।୨(ଡି.ଏନ.ଏ.)**

- ଆଖଡ଼ା ଶାଳ ଚଳଚଞ୍ଚଳ
- ଯାତ୍ରା ଅଭିନେତା ଉତ୍ସାହିତ
- ଆଶାରେ କଳା ଜଗତ



ଖୋଲିଲାଣି ଆଖଡ଼ା ଶାଳା। ସଂଳାପରେ କମ୍ପୁଛି ପରିବେଶ। କଟକଣା କୋହଳ ପରେ ମଞ୍ଚମୁହାଁ କଳାକାର। ଯାତ୍ରାଜଗତ ପାଇଁ ନୂତନ ବର୍ଷ ନୂଆ ଆଶା ଆଣିଦେଇଥିବାବେଳେ କରୋନା ପ୍ରହାରରେ ଧରାଶାୟୀ କଳାଜଗତ ଅଣ୍ଟାସଳଖି ଠିଆ ହେବାକୁ ପୁଣି ଥରେ ଆରମ୍ଭ କରିଛି ଉଦ୍ୟମ।

କଳା ଏବଂ କଳାକାର ଗାଁ ହେଉଛି ଢେଙ୍କାନାଳ ଜିଲାର ଭୁବନ। ଏହି ମାଟିରେ ଜନ୍ମିତ ଅନେକ ଅଭିନେତା ଚମକିଛନ୍ତି ରୂପେଲି ପରଦାରେ। ଯାତ୍ରା ମଞ୍ଚରେ ଦେଖାଇଛନ୍ତି ସେମାନଙ୍କ ଅଭିନୟର ଚାତୁରି। ସାଉଁଟିଛନ୍ତି ଅଜସ୍ର ପ୍ରଶଂସା। ହେଲେ କରୋନା ମାଡ଼ରେ ପାଖାପାଖି ୧୦ ମାସ ଧରି ଦୋହଲି ଯାଇଥିଲା ସମଗ୍ର କଳାଜଗତ। ଲକ୍‌ଡାଉନ୍, ଶଟ୍‌ଡାଉନ୍ ଭିତରେ ଅନ୍ଧାର ହୋଇଯାଇଥିଲା ମଞ୍ଚ। ପେଣ୍ଡାଲ-ଯାତ୍ରାପ୍ରେମୀଙ୍କ ମଧ୍ୟରେ ଦୀର୍ଘ ଦୂରତା ସୃଷ୍ଟି ହୋଇଯାଇଥିବାବେଳେ ରୋଜଗାର ହରାଇ ବାଟବଣା ହୋଇଯାଇଥିଲେ କଳାକାର। ଅଭିନୟରୁ ଦୂରେଇ ରହିବା ପରେ ଅନେକେ ଆପଣାଇଥିଲେ ଭିନ୍ନ ପେସା। ଗୁରୁଗମ୍ଭୀର ସ୍ୱରରେ ମଞ୍ଚକୁ ଥରାଉଥିବା ଯାତ୍ରାଜଗତର ଅନ୍ୟତମ ଖଳନାୟକ ଜ୍ଞାନରଞ୍ଜନ ସାହୁ ୱେଲ୍ଡିଂ ୱାର୍କଶପ୍‌ରେ ଭାଗ୍ୟ ପରୀକ୍ଷା କରିଥିଲେ। ସେହିପରି ଅନ୍ୟତମ ଚରିତ୍ର ଅଭିନେତା ଅଭିମନ୍ୟୁ ସାହୁ ଜୀବିକାର୍ଜନରେ ଘର ଲୋକଙ୍କୁ ସହାୟତା କରିଥିଲେ। ସେହିପରି ହାତରେ କାମ ନ ଥିବାରୁ ନିର୍ଦ୍ଦେଶକ, ସହକର୍ମୀ, ଯାତ୍ରା ମାଲିକ ହାତବାନ୍ଧି ବସିଥିଲେ।

ଦୀର୍ଘଦିନର ଅପେକ୍ଷା ପରେ ଫେବୃୟାରୀ ଗାଇଡ୍ ଲାଇନ୍‌ରେ ଯାତ୍ରା ପରିବେଷଣକୁ ସବୁଜ ସଙ୍କେତ ଦେଇଛନ୍ତି ସରକାର। ତେବେ ଏଥିଲାଗି ଗାଇଡ୍ ଲାଇନ ପାଳନକୁ ବାଧ୍ୟତାମୂଳକ କରାଯାଇଛି। ଦର୍ଶକ ସଂଖ୍ୟା, ସାମାଜିକ ଦୂରତ୍ୱ ନିୟମ, ହାତ ସାନିଟାଇଜେଶନକୁ ଗୁରୁତ୍ୱ ଦେଇ ଯାତ୍ରା ପରିବେଷଣ କରାଯାଇପାରିବ ବୋଲି ଏଥିରେ ଉଲ୍ଲେଖ ରହିଛି। ଯାତ୍ରା ପରିବେଷଣ ଲାଗି ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଅନୁମତି ଆଣିବାକୁ ପଡ଼ିବ। ଅପରପକ୍ଷେ ଯାତ୍ରା ସାଧାରଣତଃ ଘେରାବନ୍ଦୀ କରି ପରିବେଷିତ ହୋଇଥାଏ। ଏପରିସ୍ଥଳେ ସର୍ବାଧିକ ୫୦୦ ଜଣ ଦର୍ଶକଙ୍କୁ ଅନୁମତି ମିଳିପାରିବ। ହେଲେ ଏହା ଯାତ୍ରା ପାର୍ଟି ମାଲିକଙ୍କ ମୁଣ୍ଡବ୍ୟଥା ବଢ଼ାଇଛି। ଦୀର୍ଘଦିନ ପରେ ଯାତ୍ରା ପରିବେଷଣ ହେବାକୁ ଥିବାବେଳେ ଏହାକୁ ନେଇ କଳାପ୍ରେମୀଙ୍କ ମଧ୍ୟରେ ଉତ୍ସାହ ରହିବା ସ୍ୱାଭାବିକ। ଏପରିସ୍ଥଳେ କଟକଣା ନୂଆ ସମସ୍ୟା ସୃଷ୍ଟି କରିଛି। ଆଗାମୀ ଦିନରେ ଖଣ୍ଡଗିରି ମାଘ ମେଳା ସମେତ ବିଭିନ୍ନ ପର୍ବପର୍ବାଣି ଆସୁଛି, ଯାହା ଯାତ୍ରା ପରିବେଷଣ ପାଇଁ ଏକ ସୁଯୋଗ। ହେଲେ ସରକାରୀ ଗାଇଡ୍ ଲାଇନ୍ ଏଥିରେ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଏ ଦିଗରେ ସରକାର ପୁନର୍ବିଚାର କରି ନିୟମ ଆଉଟିକେ କୋହଳ କରିବାକୁ କଳାକାରମାନେ ଦାବି କରିଛନ୍ତି।

### ନୂଆବର୍ଷ ନୂଆ ଆଶା ଆଣିଛି



କରୋନା ପାଇଁ ଗୋଟିଏ ବର୍ଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଗୃହବନ୍ଦୀ ଜୀବନ ସମସ୍ତ ଭାବନାକୁ ପଣ୍ଡ କରି ଦେଇଥିଲା। ମଞ୍ଚରେ ପରଦା ପଡ଼ିବା ପରେ ଏହାକୁ ନେଇ ବଞ୍ଚୁଥିବା ସମସ୍ତ କଳାକାର, ନିର୍ଦ୍ଦେଶକ, କର୍ମକର୍ତ୍ତା, ମାଲିକ ଚିନ୍ତାରେ ପଡ଼ିଯାଇଥିଲେ। ନୂଆ ବର୍ଷ ନୂଆ ଆଶା ଆଣିଛି। ଚଳିତ ବର୍ଷ ୪ ନାଟକ ଲେଖାସରିଛି। ୨ଟି ଯାତ୍ରା ଅନୁଷ୍ଠାନରେ ନିର୍ଦ୍ଦେଶନା ଦେବାକୁ ନିଷ୍ପତ୍ତି ସରିଛି। ସରକାରଙ୍କ ଗାଇଡ୍ ଲାଇନ କେତେଦୂର ଫଳପ୍ରଦ ହେଉଛି ତାହା ଦେଖିବାକୁ ବାକି ରହିଲା।

—ଗୁରୁପ୍ରସାଦ ମିଶ୍ର, ଯାତ୍ରା ନିର୍ଦ୍ଦେଶକ

### ଗାଇଡ୍ ଲାଇନ୍‌ରେ ଯାତ୍ରା ପରିବେଷଣ କଷ୍ଟକର



କରୋନା ମହାମାରୀ କଳାକାରଙ୍କୁ ଦିଗହରା କରିଦେଇଥିଲା। ଫେବୃୟାରୀ ଗାଇଡ୍ ଲାଇନ୍‌ରେ ସରକାର କଟକଣା ମଧ୍ୟରେ ଯାତ୍ରା ପରିବେଷଣ କରିବାକୁ ଅନୁମତି ଦେଇଛନ୍ତି। ଏହାପରେ ପୁଣିଥରେ ଆଖଡ଼ା ଆରମ୍ଭ ହୋଇଛି। ବର୍ଷକର ଦୁଃଖ ଦୂର ହୋଇଗଲା ଭଳି ଲାଗୁଛି। ହେଲେ ସରକାରୀ ଗାଇଡ୍ ଲାଇନ ପାଳନ କରି ଯାତ୍ରା ପରିବେଷଣ କରିବା କଷ୍ଟକର। ଏବେ ଅଧିକାଂଶ କ୍ଷେତ୍ର ଖୋଲିଲାଣି। ତେଣୁ ଯାତ୍ରା କ୍ଷେତ୍ରକୁ ଅଧିକ କୋହଳ କରାଯିବା ଉଚିତ।

—ଜ୍ଞାନରଞ୍ଜନ ସାହୁ, ଯାତ୍ରା ଅଭିନେତା

### କୋଲକାତା ଭଳି ନିୟମ ଲାଗୁ ହେଉ



୮ବର୍ଷ ହେଲା ଯାତ୍ରା ଅଭିନୟ ସହିତ ଜଡ଼ିତ। ୨୦୨୦ ବର୍ଷରେ କରୋନା ଦେଇଥିବା ଯନ୍ତ୍ରଣା ସାରା ଜୀବନ ଅପାସୋରା ହୋଇ ରହିବ। ଆଖଡ଼ାରେ ଅଭ୍ୟାସ ଆରମ୍ଭ ହୋଇଛି। ଏବେ ବି ଅନେକ କଳାକାର କାମ ଅପେକ୍ଷାରେ ଅଛନ୍ତି। ଫେବୃୟାରୀ ଗାଇଡ୍ ଲାଇନ ଯଦିଓ ମନରେ ଆଶ୍ୱସ୍ତି ଆଣିଛି, ତଥାପି ଏଥିରେ ସମସ୍ୟା ଦୂର ହେବନାହିଁ। କୋଲକାତାରେ ଖୋଲାମଞ୍ଚରେ ଯାତ୍ରା ପରିବେଷଣ ହେଉଛି। ରାଜ୍ୟ ସରକାରଙ୍କ ନୀତି ଯାତ୍ରା ଆୟରେ ବାଧକ ସୃଷ୍ଟି କରିବା ଆଶଙ୍କା ରହିଛି।

—ଅଭିମନ୍ୟୁ ସାହୁ, ଯାତ୍ରା ଅଭିନେତା

### ସରକାରୀ ନିଷ୍ପତ୍ତି ସ୍ୱାଗତଯୋଗ୍ୟ



ଅଭିନୟ ପ୍ରତି ରହିଥିବା ଆଗ୍ରହ ମୋ ଭଳି ଜଣେ କମ୍ପ୍ୟୁଟର ବିଜ୍ଞାନ ଛାତ୍ରକୁ ଯାତ୍ରା ଜଗତକୁ ଟାଣି ଆଣିଲା। ନୂଆ ନୂଆ ମଞ୍ଚରେ ପାଦ ରଖିବାର ସୁଯୋଗ ମିଳିଥିବାରୁ ଖୁସି ଲାଗୁଛି। କରୋନା ମହାମାରୀରେ ସବୁକ୍ଷେତ୍ର ପ୍ରଭାବିତ ହୋଇଥିବାବେଳେ ଯାତ୍ରା ଜଗତ ସମ୍ପୂର୍ଣ୍ଣ ଧରାଶାୟୀ ହୋଇପଡ଼ିଥିଲା। କରୋନା ପ୍ରଭାବ କମିବା ପରେ ରାଜ୍ୟ ସରକାର ଯାତ୍ରା ପରିବେଷଣ ପାଇଁ ଅନୁମତି ଦେବା ସ୍ୱାଗତଯୋଗ୍ୟ। ନୂଆ ବର୍ଷ ନୂଆ ଆଶା ଆଣିଛି। ଏଥିରେ ସଫଳ ହେବି ବୋଲି ଆଶା ରହିଛି।

—ଲିପୁନ ଚିନ୍ନାରା, ଯାତ୍ରା ଅଭିନେତା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ଶନିବାର, ଫେବୃୟାରୀ ୬/୨୦୨୧ Dhenkanal, Saturday, February 6/ 2021

# ଦେବାଶିଷଙ୍କୁ ଡବଲ୍ସ ଟାଇଟଲ

**ଭୁବନେଶ୍ୱର,୫ା୨(ସ୍ପୋର୍ଟ୍ସ ବ୍ୟୁରୋ):** ହରିୟାଣାର ଝାଜରରେ ଚାଲିଥିବା ଏଆଇଟିଏ ସୁପର ସିରିଜ ଟେନିସ ଇଭେଣ୍ଟରେ ଓଡ଼ିଶାର ଟପ୍ ସିଡ୍ ଖେଳାଳି ଦେବାଶିଷ ସାହୁ ବାଳକ ଡବଲ୍ସ ଟାଇଟଲ ଜିତିଛନ୍ତି। ଶୁକ୍ରବାର ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ଦେବାଶିଷ ଓ ତାଙ୍କ କର୍ନାଟକ ପାର୍ଟନର କ୍ରିସ୍ ଅଜୟ ତ୍ୟାଗୀ ପ୍ରତିପକ୍ଷ ମଧ୍ୟପ୍ରଦେଶ ଯୋଡି ଦକ୍ଷ ପ୍ରସାଦ ଓ ଆୟୁଷ୍ମାନ ଆର୍ଜେରିଆଙ୍କୁ ୬-୪, ୪-୬, ୧୦-୫ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ ବିବେଚିତ ହୋଇଛନ୍ତି। ଏହି ଟୁର୍ନାମେଣ୍ଟରେ ଟପ୍ ର୍ୟାଙ୍କ୍‌ର ଖେଳାଳିମାନେ ଅଂଶଗ୍ରହଣ କରିଛନ୍ତି। ଦେଶର ୩ ନମ୍ବର ଖେଳାଳି ଦକ୍ଷ ପ୍ରସାଦ ଓ ୫ ନମ୍ବର ଖେଳାଳି ଭିନିତ ରଥ୍ଙ୍କୁ ଦେବାଶିଷ ପରାସ୍ତ କରିଛନ୍ତି। ଏହାପୂର୍ବରୁ ସେମିଫାଇନାଲରେ ଦେବାଶିଷ ଓ କ୍ରିସ୍ ୬-୨, ୭-୫ ସେଟ୍‌ରେ ଭିନିତ ରଥ୍ ଓ ବଂଶ ନାନ୍ଦଲାଲଙ୍କୁ ପରାସ୍ତ କରିଥିଲେ।


ଦେବାଶିଷ ସାହୁ

# ଏଟିକେ ବିପକ୍ଷରେ କର ବା ମର ସ୍ଥିତିରେ ଓଡ଼ିଶା

**ବାମ୍ବୋଲିମ,୫ା୨(ପି.ଟି.):** ଆଇଏସ୍ଏଲ୍‌ରେ ଓଡ଼ିଶା ଏଫ୍‌ସି ଏବେ କର ବା ମର ସ୍ଥିତିର ସମ୍ମୁଖୀନ ହୋଇଛି। ହେଡ୍ କୋଚ୍ ଷ୍ଟୁଆର୍ଟ ବକ୍ସଟରଙ୍କୁ ବିବାଦୀୟ ଢଙ୍ଗରେ ବହିଷ୍କାର କରାଯାଇ ଥିବାବେଳେ ଓଡ଼ିଶା ପଏଣ୍ଟ ତାଲିକାର ସର୍ବନିମ୍ନ ସ୍ଥାନରେ ରହିଛି। ଓଡ଼ିଶା ଶନିବାର ଏଟିକେ ମୋହନ ବାଗାନକୁ ଭେଟିବ। ଏହି ମ୍ୟାଚ୍‌ରେ ଓଡ଼ିଶା ନିଶ୍ଚିତ ବିଜୟ ହାସଲ କରିବା ସ୍ଥିତିରେ ପଡ଼ିଛି।

ଚଳିତ ସେସନରେ ଓଡ଼ିଶା ଆଶାନୁରୂପ ପ୍ରଦର୍ଶନ କରି ନ ପାରି ସଂଘର୍ଷ କରୁଛି। ଏ ପର୍ଯ୍ୟନ୍ତ ଓଡ଼ିଶା ୧୪ ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୫ ଡ୍ର ଓ ୮ ପରାଜୟ ସହ ୮ ପଏଣ୍ଟ ପାଇ ତାଲିକାର ୧୧ତମ ତଥା ସର୍ବନିମ୍ନ ସ୍ଥାନରେ ରହିଛି। ଓଡ଼ିଶା ୨୧ଟି ଗୋଲ ବରଣ କରିଛି। ଏହି ଲିଗ୍ ଦ୍ୱିତୀୟ ସର୍ବାଧିକ ଖରାପ ରେକର୍ଡ ସାବ୍ୟସ୍ତ ହୋଇଛି। ଗୋଟିଏ ଆତ୍ମଘାତୀ ଗୋଲକୁ ବାଦ୍ ଦେଲେ ଓଡ଼ିଶା ୧୧ଟି ଗୋଲ ସ୍କୋର କରିଛି ଓ ଏହା ଯୁଗ୍ମ ସର୍ବନିମ୍ନ ସାବ୍ୟସ୍ତ ହୋଇଛି।

ସୋମବାର ଜାମସେଦପୁର ଏଫ୍‌ସି ବିପକ୍ଷ ମ୍ୟାଚ୍ ପରେ ରେପ୍ ମନ୍ତବ୍ୟ ଦେଇ କୋଚ୍ ବକ୍ସଟର ବିଦା ହେବା ପରେ ଓଡ଼ିଶା ଉପରେ ଅତିରିକ୍ତ ଚାପ ବୃଦ୍ଧି ପାଇଛି। ଅନ୍ତରୀଣ କୋଚ୍ ଗେରାଲ୍ଡ ପେଟୋନଙ୍କ ତତ୍ତ୍ୱାବଧାନରେ ବାକିଥିବା ୬ଟି ମ୍ୟାଚ୍‌ରେ ଓଡ଼ିଶା ବିଜୟଧାରାକୁ ଫେରି କିଛି ଚମତ୍କାର ଆଶାରେ ରହିଛି।










Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ